ହିମାଚଳ ପ୍ରଦେଶ ରାଜ୍ୟ

ବନାମ

ଗୀତା ରାମ୍

ସେପ୍ଟେମ୍ବର 8, 2000

[କେ. ଟି. ଥୋମାସ୍ ଏବଂ ଆର୍. ପି. ସେଠୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ 1989: ଧାରା 14 ଏବଂ 2 (1) (d)- ଏହି ଅଧିନିୟମ ଅଧୀନରେ ଆସୁଥିବା ଅପରାଧଗୁଡ଼ିକର ବିଚାର ପାଇଁ ଦୌରା ଅଦାଲତକୁ ସ୍ୱତନ୍ତ୍ର ଅଦାଲତ ଭାବରେ ମନୋନୀତ କରାଯାଇଛି- ଏଭଳି ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତ, ଏକ ଦୌରା ଅଦାଲତ ଭାବରେ ନିଜର ସ୍ୱରୂପ ଏବଂ କ୍ଷମତାରୁ ବଞ୍ଚିତ ହେବ ନାହିଁ- ଭାରତୀୟ ଦଣ୍ଡ ସଂହିତା, ଅନୁଯାୟୀ ଅପରାଧଗୁଡ଼ିକର ବିଚାର କରିବା ପାଇଁ ସକ୍ଷମ- ଭାରତୀୟ ଦଣ୍ଡ ସଂହିତା, 1860:*

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973: ଧାରା 465- କ୍ଷେତ୍ରାଧିକାର ସମ୍ବନ୍ଧୀୟ ବୈଷୟିକ ଆପତ୍ତି- ପ୍ରାରମ୍ଭିକ ପର୍ଯ୍ୟାୟରେ ନିଆଯାଇନାହିଁ- ବିଚାର ସମାପ୍ତ ହେବା ପରେ ଏହାକୁ ଗ୍ରହଣ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ।*

ଏହି ଆବେଦନରେ, ବିଚାର ପାଇଁ ଉଠୁଥିବା ପ୍ରଶ୍ନ ଥିଲା ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ 1989 ଅନୁଯାୟୀ 'ସ୍ୱତନ୍ତ୍ର ଅଦାଲତ' ଭାବରେ ମାନ୍ୟତା ପାଇଥିବା ଏକ ଦୌରା ଅଦାଲତ ଏକ ଦୌରା ଅଦାଲତ ଭାବରେ କାର୍ଯ୍ୟକରିବା ବନ୍ଦ ହୋଇଯିବ କି ଏବଂ ଭାରତୀୟ ଦଣ୍ଡ ସଂହିତା ଅଧୀନରେ ଥିବା ଅପରାଧଗୁଡ଼ିକର ବିଚାର କରିବା ପାଇଁ ନିଜର ଆଇନଗତ କ୍ଷେତ୍ରାଧିକାର ହରାଇବ କି ।

ଏହି ମାମଲାରେ, ଭାରତୀୟ ଦଣ୍ଡ ସଂହିତାର ଧାରା 376 ଅଧୀନରେ ଥିବା ଅପରାଧ ପାଇଁ ନିର୍ଦ୍ଦିଷ୍ଟ ଦୌରା ଅଦାଲତ ଦ୍ୱାରା ଦିଆଯାଇଥିବା ଦୋଷୀ ସାବ୍ୟସ୍ତ ଓ ଦଣ୍ଡାଦେଶକୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଗ୍ରାହ୍ୟ କରିଦେଇଛନ୍ତି ଯେ, ସ୍ୱତନ୍ତ୍ର ଅଦାଲତ, ଧାରା ଆଇପିସି 376 ଅଧୀନରେ ଥିବା ଅପରାଧକୁ ଅଲଗା ଭାବରେ ବିଚାରକୁ ନେଇପାରି ନଥାନ୍ତେ ଏବଂ ଦଣ୍ଡାଧିକାରୀଙ୍କ ଦ୍ୱାରା ଏଭଳି ଅଦାଲତକୁ ମାମଲା ସ୍ଥାନାନ୍ତର କରିବା ବେଆଇନ ଥିଲା । ଉଚ୍ଚ ନ୍ୟାୟାଳୟ ଏକ ସକ୍ଷମ ନ୍ୟାୟାଳୟ ଦ୍ୱାରା ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଆକ୍ଷେପିତ ରାୟକୁ ଅଗ୍ରାହ୍ୟ କରି ଏବଂ ଯୋଗ୍ୟତା ଆଧାରରେ ଆବେଦନର ଫଏସଲା ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ଫେରାଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: 1. ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ 1989 ଅନୁଯାୟୀ ଅପରାଧଗୁଡ଼ିକର ବିଚାର ପାଇଁ ଏକ ସ୍ୱତନ୍ତ୍ର ଅଦାଲତ ଭାବରେ ନାମିତ ହୋଇଥିବା ଏକ ଦୌରା ଅଦାଲତ, ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଅପରାଧଗୁଡ଼ିକର ବିଚାର କରିବାକୁ କ୍ଷେତ୍ରାଧିକାର ଜାରି ରଖିଛି ଏବଂ ଦଣ୍ଡାଧିକାରୀ ଦ୍ୱାରା ଉକ୍ତ ଅଦାଲତକୁ ବିଚାର ପାଇଁ ପ୍ରେରଣ କରିବା ଆଦେଶ ଆଇନଗତ ଭାବେ ବୈଧ ଥିଲା ।

**1.1.** ବିଧାନ ଦ୍ୱାରା ଏହା ଉଦ୍ଦିଷ୍ଟ ଥିଲା ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ 1989 ଅନୁଯାୟୀ ଅପରାଧଗୁଡ଼ିକର ବିଚାର ପାଇଁ କେବଳ ଏକ ଦୌରା ଅଦାଲତକୁ ହିଁ ସ୍ୱତନ୍ତ୍ର ଅଦାଲତ ଭାବରେ

**ନିର୍ଦ୍ଦିଷ୍ଟ କରାଯିବ ଏବଂ ଅନ୍ୟ କୌଣସି ଅଦାଲତକୁ ନୁହେଁ । ତେଣୁ ଏପରି ନିର୍ଦ୍ଦିଷ୍ଟ ନ୍ୟାୟାଳୟ ମୂଳତଃ ଏକ ଦୌରା ଅଦାଲତ ହୋଇ କାର୍ଯ୍ୟ କରିବ ଏବଂ ଏହାକୁ ଏକ ସ୍ୱତନ୍ତ୍ର ଅଦାଲତ ଭାବରେ ନାମିତ କରାଗଲେ ମଧ୍ୟ ଏହା ଏକ ଦୌରା ଅଦାଲତ ଭାବରେ ଏହାର ସ୍ୱରୂପ କିମ୍ବା କ୍ଷମତାରୁ ବଞ୍ଚିତ ହେବ ନାହିଁ ।**

*ଗାଙ୍ଗୁଲା ଅଶୋକ ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ,* **[2000] 2 ଏସସିସି 504,** ମାମଲା ଉପରେ ନିର୍ଭର କରାଯାଇଥିଲା ।

**2. ଯଦି କୌଣସି ଅପରାଧିକ କାର୍ଯ୍ୟାନୁଷ୍ଠାନର କୌଣସି ପକ୍ଷ କୌଣସି ବୈଷୟିକ ଆଧାରରେ ବ୍ୟଥିତ ହୁଅନ୍ତି, ତେବେ ସେ ଯଥାଶୀଘ୍ର ଆପତ୍ତି ଉଠାଇବା ଆବଶ୍ୟକ; ସମ୍ପୂର୍ଣ୍ଣ ବିଚାର ଶେଷ ହେବା ପରେ ସେହି ଦିଗ ଉପରେ ତାଙ୍କର ଶୁଣାଣି ହୋଇପାରିବ ନାହିଁ ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 765/2000

5.7.99 ତାରିଖରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଫୌଜଦାରୀ ଆବେଦନ ସଂଖ୍ୟା 73/1999 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଅନୀଲ ନାଗ ଆବେଦନକାରୀଙ୍କ ପାଇଁ ।

ଡି. କେ. ଗର୍ଗ, ଅଶୋକ କୁମାର ଶର୍ମା ଏବଂ ସୁଶ୍ରୀ ରେଣୁ ଜର୍ଜ ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

ନ୍ୟାୟମୂର୍ତ୍ତି ଥୋମାସ୍ ଙ୍କ ଦ୍ୱାରା । ଅନୁମତି ମଞ୍ଜୁର କରାଗଲା ।

ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟର ଜଣେ ମାନ୍ୟବର ଏକକ ବିଚାରପତି, କେବଳ ଏକ ବୈଷୟିକ ତ୍ରୁଟି ଆଧାରରେ, ବହୁ ସମୟ ଓ ଶକ୍ତି ଖର୍ଚ୍ଚ କରି ପୂର୍ବରୁ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ଏକ କଷ୍ଟସାଧ୍ୟ କାର୍ଯ୍ୟକୁ ପୁଣିଥରେ ଆରମ୍ଭରୁ କରିବା ପାଇଁ ଆଦେଶ ଦେଇଛନ୍ତି ।

ଭାରତୀୟ ଦଣ୍ଡବିଧି ସଂହିତାର ଧାରା 376 ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ, 1989 (ସଂକ୍ଷେପରେ 'ଅଧିନିୟମ') ର ଧାରା 3 ଅଧୀନରେ ଥିବା ଅପରାଧଗୁଡ଼ିକ ପାଇଁ ଉତ୍ତରଦାତାଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଛି ।

ଜଣେ ଦଣ୍ଡାଧିକାରୀ ଏହି ମାମଲାକୁ ଦୌରା ଅଦାଲତକୁ ପଠାଇଥିଲେ, ଯାହାଙ୍କୁ ଉକ୍ତ ଅଧିନିୟମ ଅଧୀନରେ ଥିବା ଅପରାଧଗୁଡ଼ିକର ବିଚାର କରିବା ପାଇଁ ଏକ ସ୍ୱତନ୍ତ୍ର ଅଦାଲତ ଭାବରେ ନିର୍ଦ୍ଦିଷ୍ଟ କରାଯାଇଥିଲା । ଉକ୍ତ ଦୌରା ଅଦାଲତଙ୍କ ଦ୍ୱାରା ଉତ୍ତରଦାତାଙ୍କ ବିରୋଧରେ କେବଳ ଆଇପିସିର ଧାରା 376 ଅଧୀନରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରାଯାଇଥିଲା । ବିଚାର ଶେଷ ହେବା ପରେ, ଉକ୍ତ ଦୌରା ଜଜ୍ ଉତ୍ତରଦାତାଙ୍କୁ ଧାରା 376 ଅଧୀନରେ ଥିବା ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ତାଙ୍କୁ ସାତ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ଆପତ୍ତି କରି ଉତ୍ତରଦାତାଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତି ଏକ ବୈଷୟିକ ଆଧାରରେ ଉକ୍ତ ଦୋଷୀସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ଅଗ୍ରାହ୍ୟ କରିଦେଇଛନ୍ତି, ଅର୍ଥାତ୍ ବିଚାର କରୁଥିବା ଅଦାଲତର

ବିଚାରପତିଙ୍କର କୌଣସି କ୍ଷେତ୍ରାଧିକାର ନଥିଲା କାରଣ ସେ କେବଳ ସମ୍ପୃକ୍ତ ଆଇନ ଅଧୀନରେ ନିର୍ଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ଅଦାଲତ ଥିଲେ । ଉଚ୍ଚ ନ୍ୟାୟାଳୟ ଅନୁଯାୟୀ, ମାମଲାଟି ସେହି ଅଦାଲତକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ଏହାର ପରିଣାମ ସ୍ୱରୂପ ଆଇପିସିର ଧାରା 376 ଅଧୀନରେ ଥିବା ଅପରାଧର ଅଲଗା ଭାବରେ ବିଚାର କରିବା ପାଇଁ ସେହି ଅଦାଲତର କୌଣସି ଆଇନଗତ କ୍ଷେତ୍ରାଧିକାର ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ରାୟର କାର୍ଯ୍ୟକାରୀ ଅଂଶଟିକୁ ଏହିପରି ପାଠ କରାଯାଏ:

> "ଫଳସ୍ୱରୂପ, ଆବେଦନକୁ ଅନୁମତି ପ୍ରଦାନ କରାଗଲା । ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ଅଗ୍ରାହ୍ୟ କରାଗଲା । ଯେହେତୁ ବିଦ୍ୱାନ ଦଣ୍ଡାଧିକାରୀଙ୍କ ଦ୍ୱାରା 24.3.1998 ତାରିଖର ଆଦେଶ ବଳରେ ଏହି ମାମଲାକୁ ସ୍ୱତନ୍ତ୍ର ଅଦାଲତକୁ ପଠାଯିବା ସମ୍ପୂର୍ଣ୍ଣ ବେଆଇନ ଥିଲା, କାରଣ ସେ 1989 ମସିହାର ଅଧିନିୟମ ଅଧୀନରେ ଥିବା ଅପରାଧର ସଂଜ୍ଞାନ ନେଇପାରି ନଥାନ୍ତେ; ତେଣୁ ବିଦ୍ୱାନ ବିଚାର କରୁଥିବା ଅଦାଲତ ଏହି ମାମଲାର ନଥିକୁ ବିଦ୍ୱାନ ଦଣ୍ଡାଧିକାରୀଙ୍କୁ ଫେରସ୍ତ କରିବେ, ଯାହାଫଳରେ ଏହାକୁ ସକ୍ଷମ ଅଦାଲତରେ ଉପସ୍ଥାପନ କରିବା ପାଇଁ ଅଭିଯୋଜନକୁ ଫେରସ୍ତ କରାଯାଇପାରିବ ।"

ଏହି ଅଦାଲତ ଏହି ପ୍ରଶ୍ନ ଉପରେ ବିଚାର କରିଛନ୍ତି ଯେ ଏହି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଏକ ସ୍ୱତନ୍ତ୍ର ଅଦାଲତ ଭାବରେ ନିର୍ଦ୍ଦିଷ୍ଟ ହୋଇଥିବା ଏକ ଦୌରା ଅଦାଲତ ଏକ ଦୌରା ଅଦାଲତ ଭାବରେ କାର୍ଯ୍ୟ କରିବ କି ନାହିଁ, କିମ୍ବା ସେ ଦୌରା ଜଜ୍ ଭାବରେ କାର୍ଯ୍ୟ କରିବେ କି ନାହିଁ । (*ଗାଙ୍ଗୁଲା ଅଶୋକ ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ,* [2000] 2 ଏସସିସି 504 ମାମଲା ଅନୁଯାୟୀ)। ଏହି ନ୍ୟାୟାଳୟ ମତ ଦେଇଛନ୍ତି ଯେ, ଏପରି ନିର୍ଦ୍ଦିଷ୍ଟକରଣ ପରେ ମଧ୍ୟ ଦୌରା ଅଦାଲତ, ଦୌରା ଅଦାଲତ ଭାବରେ ହିଁ ରହିବ ଏବଂ ସେହି ଅଦାଲତରେ, ବିଚାର ପ୍ରକ୍ରିୟା କେବଳ ଅପରାଧିକ କାର୍ଯ୍ୟବିଧି ସଂହିତା ର ଅଧ୍ୟାୟ XVII ରେ ଥିବା ପ୍ରାବଧାନ ଅନୁଯାୟୀ ହିଁ କରାଯାଇପାରିବ । ଏହି ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଇନଗତ ସିଦ୍ଧାନ୍ତ ପ୍ରତିପାଦନ କରାଯାଇଛି:

> "ଅଧିନିୟମର ଧାରା 14 ଏବଂ 2 (1) (d) ରୁ ଏହା ସ୍ପଷ୍ଟ ଯେ ଏହି ଅଧିନିୟମ ଅନୁଯାୟୀ ଅପରାଧଗୁଡ଼ିକର ବିଚାର ପାଇଁ ପ୍ରତ୍ୟେକ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଦୌରା ଅଦାଲତକୁ, ଏକ ସ୍ୱତନ୍ତ୍ର ଅଦାଲତ ଭାବରେ ନିର୍ଦ୍ଦିଷ୍ଟ କରିବାକୁ କୁହାଯାଇଛି । ଯଦିଓ "ବିଚାର" ଶବ୍ଦଟି ସଂହିତାରେ କିମ୍ବା ଅଧିନିୟମରେ ବ୍ୟାଖ୍ୟା କରାଯାଇ ନାହିଁ, ଏହା ଅନୁସନ୍ଧାନ ଠାରୁ ସ୍ପଷ୍ଟ ଭାବରେ ପୃଥକ ଅଟେ । ତଦନ୍ତ ସର୍ବଦା ବିଚାରର ପୂର୍ବବର୍ତ୍ତୀ ପଦକ୍ଷେପ ହେବା ଉଚିତ । ତେଣୁ ଦୌରା ଅଦାଲତ ଏକ ବିଚାର ପରିଚାଳନା କରିବାକୁ ନିର୍ଦ୍ଦିଷ୍ଟ ହୋଇଛି ଏବଂ ଅନ୍ୟ କୌଣସି ଅଦାଲତ ଏହି ଅଧିନିୟମ ଅନୁଯାୟୀ ଅପରାଧର ବିଚାର ପରିଚାଳନା କରିପାରିବେ ନାହିଁ । ସ୍ପଷ୍ଟ ଭାବରେ ବିଧାନ ଚାହୁଁଥିଲା ଯେ ସ୍ୱତନ୍ତ୍ର ଅଦାଲତ ଏକ ଦୌରା ଅଦାଲତ ହେଉ । ତେଣୁ ସେହି ନିର୍ଦ୍ଦିଷ୍ଟ ଦୌରା ଅଦାଲତ, ଏକ ସ୍ୱତନ୍ତ୍ର ଅଦାଲତ ଭାବରେ ମାନ୍ୟତା ପାଇବା ପରେ ମଧ୍ୟ, ମୂଳତଃ ଏକ ଦୌରା ଅଦାଲତ ଭାବରେ ହିଁ ରହିବ ଏବଂ ଏହାକୁ ସ୍ୱତନ୍ତ୍ର ଅଦାଲତ କହିବା ଦ୍ୱାରା ଏହାର ମୂଳ ସ୍ୱରୂପ କିମ୍ବା ଦୌରା ଅଦାଲତ ଭାବରେ ଥିବା କ୍ଷମତା କମିଯିବ ନାହିଁ । ଏଭଳି ଅଦାଲତରେ ବିଚାର ପ୍ରକ୍ରିୟା କେବଳ ସଂହିତାର ଅଧ୍ୟାୟ XVIII ରେ ପ୍ରଦତ୍ତ ନିୟମ ଅନୁଯାୟୀ କରାଯାଇପାରିବ, ଯେଉଁଥିରେ "ଦୌରା ଅଦାଲତଙ୍କ ସମ୍ମୁଖରେ ବିଚାର" ପାଇଁ ପ୍ରାବଧାନଗୁଡ଼ିକର ଏକ ସମୂହ ରହିଛି ।"

ଆମେ ଏହା ଜାଣି ଦୁଃଖିତ ଯେ, ସରକାରୀ ଓକିଲ ବିଦ୍ୱାନ ଏକକ ବିଚାରପତିଙ୍କୁ ଏଭଳି ଏକ ନିଷ୍ପତ୍ତିର ପରିଣାମ ବିଷୟରେ ଜଣାଇନଥିଲେ, ଯଦି ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ଏହି ମତ ଗ୍ରହଣ କରାଯାଏ, ତେବେ ଏହାର ଅର୍ଥ ହେବ ଯେ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ସାକ୍ଷ୍ୟ ଦେଇସାରିଥିବା ସମସ୍ତ ସାକ୍ଷୀମାନଙ୍କୁ ପୁଣି ଥରେ ଡକାଯିବା ଆବଶ୍ୟକ; ଏବଂ ସମଗ୍ର ମୁଖ୍ୟ-

ସାକ୍ଷ୍ୟ ଗ୍ରହଣ, ପ୍ରତି-ଜେରା, ପୁନଃ-ସାକ୍ଷ୍ୟ ଗ୍ରହଣ ଏବଂ ଆଇନର ଧାରା 313 ଅନୁଯାୟୀ ଅଭିଯୁକ୍ତଙ୍କୁ ପଚରାଉଚରା, ଯୁକ୍ତି ଶୁଣାଣି, ତା'ପରେ ବିପକ୍ଷ ସାକ୍ଷୀମାନଙ୍କର ପୁନଃ ସାକ୍ଷ୍ୟ ଗ୍ରହଣ, ପୁଣି ଥରେ ଚୂଡ଼ାନ୍ତ ଯୁକ୍ତି ଶୁଣାଣି ଏବଂ ପୁଣି ଥରେ ରାୟ ପ୍ରସ୍ତୁତ କରିବାକୁ ପଡ଼ିବ । ସଂହିତାର ଧାରା 465 ରେ ରେଖାଙ୍କିତ ଉଦ୍ଦେଶ୍ୟ ହେଉଛି ଯେ ଯଦି କୌଣସି ବୈଷୟିକ ଆଧାରରେ ଅପରାଧିକ କାର୍ଯ୍ୟାନୁଷ୍ଠାନର କୌଣସି ପକ୍ଷ ବ୍ୟଥିତ ହୁଅନ୍ତି, ତେବେ ସେ ଯଥାଶୀଘ୍ର ଏହାର ଆପତ୍ତି ଉଠାଇବା ଆବଶ୍ୟକ । ଯଦି ସେ ଏହାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଠାଇନଥାନ୍ତି, ତେବେ ସମ୍ପୂର୍ଣ୍ଣ ବିଚାର ଶେଷ ହେବା ପରେ ତାଙ୍କୁ ସେହି ଦିଗ ଉପରେ ଶୁଣାଯାଇପାରିବ ନାହିଁ ।

ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଆଧାରଟି ସ୍ପଷ୍ଟତଃ ତ୍ରୁଟିପୂର୍ଣ୍ଣ ଅଟେ । ଭାରତୀୟ ଦଣ୍ଡ ସଂହିତାର ଧାରା 376 ଅନ୍ତର୍ଗତ ଅପରାଧ ପାଇଁ ଯେଉଁ ଦୌରା ଅଦାଲତ ମାମଲାର ବିଚାର କରିଥିଲେ, ସେହି ସମାନ ମାମଲାର ବିଚାର କରିବା ପାଇଁ ତାଙ୍କର କ୍ଷେତ୍ରାଧିକାର ବଜାୟ ରହିଥିଲା ଏବଂ ବିଚାର ପାଇଁ ପ୍ରେରଣ ଆଦେଶ ଆଇନଗତ ଭାବେ ବୈଧ ଥିଲା । ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଆବେଦନକୁ କେବଳ ଯୋଗ୍ୟତା ଆଧାରରେ ଫଏସଲା କରାଯାଇପାରିବ ଏବଂ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ନିଆଯାଇଥିବା ତ୍ରୁଟିପୂର୍ଣ୍ଣ ଆଧାରରେ ନୁହେଁ । ସେ ଏହି ଆବେଦନକୁ ଯୋଗ୍ୟତା ଆଧାରରେ ବିଚାର କରିନାହାନ୍ତି ।ତେଣୁ, ଆମେ ଏହି ଆକ୍ଷେପିତ ରାୟକୁ ଅଗ୍ରାହ୍ୟ କରୁଛୁ । ଯୋଗ୍ୟତା ଆଧାରରେ ଆବେଦନଟିର ନୂତନ ଭାବେ ଫଏସଲା କରିବା ପାଇଁ ଆମେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କୁ ଫେରାଇ ଦେଉଛୁ ।

ସେହି ଅନୁଯାୟୀ, ଆବେଦନର ଫଏସଲା କରାଗଲା ।

ଆର୍. ସି. ଆବେଦନର ଫଏସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।